କାବ୍ୟକୃତି - ପୁନଶ୍ଚ

ପରିକ୍ରମା

କବି ରଘୁନାଥ ଦାସ

ଉଷା

ଉକୁଟିଲା ପୁର୍ବନଭ ଅପୂର୍ବ ଶୋଭାରେ;

ଉଭାସିତ ବେଳାଭୂମି ସୁବର୍ଣ୍ଣ ଆଭାରେ;

ପରିବ୍ୟାପ୍ତ ଅନ୍ଧାରର କରି ଅବସାନ

ଦୃପ୍ତପଦେ ଦୀପ୍ତିମନ୍ତ ତବ ଅଭିଯାନ।

ଦିଗେ ଦିଗେ ବିଂଚିଦିଅ ପୁଲକରେ ରେଣୁ;

ପ୍ରାଣେ ପ୍ରାଣେ ବାଜିଉଠେ ସଂଜୀବନୀ ବେଣୁ।

ସିନ୍ଧୁଗର୍ଭୁ ତୁମର ସେ ଉଦୟ ଗୌରବ

ଉଲ୍ଲସିତ ଉର୍ମିମାଳ ଗାଏ ଶତଜିହ୍ୱ।

ସଂଚାଳିତ କରି ରଶ୍ମି ଜ୍ୟୋତିର୍ମୟ ପଥେ

ବୈଜୟନ୍ତୀ ତୋଳି ତମ ସପ୍ତ-ଅଶ୍ୱ-ରଥେ

ଆରମ୍ଭିଲେ ଯାତ୍ରା ଯେବେ

ତବ ସ୍ୱାଗତ ଉତ୍ସବେ

ଐକ୍ୟତାନେ କୋଟିକଣ୍ଠ ଗାଏ କଳରବେ;

ନମୋ ନମୋ ହେ ବାଳକ ଅରୁଣ

ଚରାଚର ବନ୍ଦେ ତବ ଅମୃତ ଚରଣ।

www.jatayu.org

ପରିକ୍ରମା

କବି ରଘୁନାଥ ଦାସ

ପୂର୍ବାହ୍ଣ

ଅଙ୍ଗେ ତବ ପ୍ରକଟିଲା ତାରୁଣ୍ୟର ତେଜ

ପଲ୍ଲବାଇ ବୃକ୍ଷରାଜି, ଫୁଟଇ ପଙ୍କଜ:

କୁସୁମ ସମ୍ଭାରେ ଦୋଳେ ସବୁଜ ବଲ୍ଲରୀ

ସାଗରର ବକ୍ଷ ଚିରି ଭାସିଯାଏ ତରୀ;

ମୃଗ ପଛେ ଧାଏଁ କାହିଁ ବ୍ୟସନ ବିଳାସୀ

ବୈରାଗ୍ୟର ମଧୁ ପିଇ ବିଭୋର ଉଦାସୀ

ଗୀତିକଣ୍ଠେ ଭରି ଉଠେ ମାଦକୀ ମୂର୍ଚ୍ଛନା

ଶିଳ୍ପୀର ନିହାଣ ଲଳିତ କଳ୍ପନା;

ନର୍ତ୍ତକୀର ପଦେ ନାଚେ ମୃଦୁ ଚପଳତା

ପ୍ରଣୟିନୀ ଅଙ୍ଗେ ଅଙ୍ଗେ ଅନଙ୍ଗର ବ୍ୟଥା।

ପାଷାଣେ ସଞ୍ଚରେ ପ୍ରାଣ.

ସବୁ ସିନା ତୁମରି କରଣୀ

ରୂପେ-ରସେ ଗନ୍ଧେ-ଛନ୍ଦେ ସୁନ୍ଦର ଧରଣୀ।

ହେ ତେଜସ୍ୱୀ ପ୍ରଭୁ ଦିବାକର,

ଭକ୍ତି ଭରେ ତୁମ ପଦେ କୋଟି ନମସ୍କାର।

www.jatayu.org

ପରିକ୍ରମା

କବି ରଘୁନାଥ ଦାସ

ମଧ୍ୟାହ୍ନ

କ୍ଷିପ୍ର କ୍ଷୁର ରଥଅଶ୍ୱ ପ୍ରଖର ନିଃଶ୍ୱାସେ

ଉତ୍ତପ୍ତ ଦିଗନ୍ତେ ଯେବେ ମଧ୍ୟାହ୍ନ ଆକାଶେ

ନିଷ୍କରୁଣ ରୌଦ୍ରଜାଳେ ପ୍ରକଟ ଭୀଷଣ

ମଦନର ଭସ୍ମକାରୀ ରୁଦ୍ର କି ଆପଣ?

ମୁକୁଳା ଜଟାୟୁ ପାଶ କରି ପ୍ରଜ୍ୱଳିତ

ଉଦଣ୍ଡ ତାଣ୍ଡବ ନୃତ୍ୟେ ହେଲେ କି ପ୍ରମତ୍ତ?

ଗାଣ୍ଡିବ ବାନ୍ଧିଛ ଗୁଣ ନାଶିବ ଖାଣ୍ଡବ?

ରୁଷ୍ଟ ମହାକାଳ ରଚ ଧ୍ୱଂସ ମହୋତ୍ସବ।

ଜଳିଯାଏ ତରୁଲତା, ଶୁଷ୍କ ଜଳାଶୟ,

ତବ ତେଜେ ସୃଷ୍ଟି ତବ ଲଭିବ ବିଲୟ

ଆତଙ୍କିତ ବିଶ୍ୱବାସୀ

ତବ ଆଶିଷ ଭିକ୍ଷାସୀ

ଭୟଙ୍କର ହେ ମାର୍ତ୍ତଣ୍ଡ ପ୍ରଚଣ୍ଡ ତେଜସ୍ୱୀ!

ଯୋଡିପାଣି ଜଣାଉ କାକୁତି

ସଂବରଣ କର ପ୍ରଭୁ ସଂହାର ମୂରତି!

www.jatayu.org

ପରିକ୍ରମା

କବି ରଘୁନାଥ ଦାସ

ସାୟାହ୍ନ

ପରିଶ୍ରାନ୍ତ କ୍ଲାନ୍ତ ପଦେ ଅବଶ ସାୟାହ୍ନେ

ଆଶ୍ରାକର ତୁମେ ଯେବେ ପଶ୍ଚିମ ଗଗନେ

ଚଉଦରେ ଫିଙ୍ଗି ତୁମେ ରଙ୍ଗର ବିଭବ

ପ୍ରକଟାଇ ମୁହୁଁ ମୁହୁ ଚିତ୍ର ଅଭିନବ

ମନେହୁଏ ଶ୍ଳଥ ହସ୍ତେ କେଉଁ ଚିତ୍ରକାର

ଆଙ୍କିଯାଏ କଳ୍ପନାର ଶେଷ ଛବି ତା'ର;

ଅବା କେଉଁ ପଥଚାରୀ କରେ ଲିପିବଦ୍ଧ

ବହୁ ଅନୁଭୂତି ସିକ୍ତ ବିଚିତ୍ର ପ୍ରବନ୍ଧ;

ଜୀର୍ଣ୍ଣ ଦେହେ କବି ଅବା ରଚେ ଶେଷ-ଗୀତି,

ଅବ୍ୟକ୍ତ ବ୍ୟଥାକୁ ତା'ର ଦେଇ ଅଭିବ୍ୟକ୍ତି।

ମେଘେ ଜ୍ୱାଳି ବହ୍ନିଶିଖା ମହାତପା ହେ ସବିତା

ସ୍ୱହସ୍ତରେ ରଚ ଅବା ଆପଣାର ଚିତା?

ନେବା ଆଗୁଁ ରାତ୍ରୀର ଆଶ୍ରୟ

ବିଶ୍ୱଜନେ ଦେଇଯାଅ ତୁମ ବରାଭୟ।

ଶର୍ବରୀ

www.jatayu.org

ପରିକ୍ରମା

କବି ରଘୁନାଥ ଦାସ

ତୁମେ ପ୍ରଭୁ ବୁଡ଼ିଗଲେ ଅତଳ ସାଗରେ

ଡୁବିଗଲା ଏ ଧରିତ୍ରୀ ଗଭୀର ତିମିରେ

ଦୃଷ୍ଟି ବିନା ସୃଷ୍ଟି ତୁମ ନାଶ ଯାଏ ସିନା!

ଅନ୍ଧାର ତ ଅଟେ କିନ୍ତୁ ତୁମରି ସର୍ଜନା!

ଦେହୀ ଯେହ୍ନେ ଫିଙ୍ଗିଦେଇ ସ୍ଥୂଳ ଅଧିବାସ

ଦେହେର ବିନାଶେ ସାଧେ ସ୍ୱରୂପ ପ୍ରକାଶ,

ନବ କେଳେବର ଲାଗି ଆଗାମୀ ଜୀବନେ

ପ୍ରସ୍ତୁତିର ପର୍ବ ରଚ ସୁଷୁପ୍ତି ସପନେ।

ତମଃସିନ୍ଧୁ ମଧ୍ୟେ ତୁମେ ଜ୍ୟୋତିର୍ବିନ୍ଦୁ ଅଟ;

ଅନିତ୍ୟ ମାୟାରେ ମଜ୍ଜି ନିତ୍ୟକୁ ପ୍ରକଟ।

ଜ୍ଞାନର ଗଣିତ ଘୋଷେ (ତୁମ) ନୀତି ପାଠଶାଳା

ସତ୍ୟ ଶିବ ସୁନ୍ଦରର ଅଭ୍ରାନ୍ତ ଇସାରା।

ବିଶ୍ୱସ୍ରଷ୍ଟା ହେ ଅର୍କଦେବତା!

ତୁମ ପଦେ ସ୍ୱତଃ ନତ ହୋଇଯାଏ ମଥା।

www.jatayu.org